# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# କୂପ ନିକଟରେ ଏକ ସ୍ତ୍ରୀ


ଲେଖକ: Edward Hughes

ଦୃଷ୍ଟାନ୍ତ: Lazarus

ଅନୁବାଦକ: Prasanta Bhuyan

ଉପଯୋଜକ: Ruth Klassen



କାହାଣୀ ୬୦ ରୁ ୪୭

www.M1914.org

**Bible for Children,** *PO Box 3, Winnipeg, MB R3C 2G1 Canada*



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,·
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ Oriya

ଯୀଶୁ ତାଙ୍କ ଶିଷ୍ୟମାନଙ୍କ ସହିତ ସମରିଆ ମଧ୍ୟଦେଇ ଯାତ୍ରା କରୁଥିଲେ । ସେମାନେ ଏକ ସୁଖାର ନାମକ ନଗରରେ ପହଞ୍ଚିଲେ ।





ସେଠାରେ ଏକ କୂପ ଥିଲା, ଯେଉଁଠାରୁ ସୁଖାର ନଗରର ଲୋକମାନେ ପିଇବାପାଣି ଆଣୁଥିଲେ । ଯାକୁବ, ଇସ୍ରାଏଲ୍ ମାନଙ୍କର ପିତୃପୁରୁଷ ବହୁ ପୂର୍ବରେ ସେଠାରେ ସେହି କୂପକୁ ଖନନ କରିଥିଲେ ।



ଦ୍ୱିପହର ସମୟରେ ହୋଇପାରେ ଦିନରେ ସୂର୍ଯ୍ୟ ଓ ଗରମ ଥିଲା । ଯୀଶୁ ପଥଶ୍ରାନ୍ତ ହୋଇଥିବାରୁ ସେହି କୂପ ନିକଟରେ ବସିପଡ଼ିଲେ ଯେତେବେଳେ ତାଙ୍କ ଶିଷ୍ୟମାନେ ସୁଖାର ନଗରକୁ ଖାଦ୍ୟ କ୍ରୟ କରିବାକୁ ଗଲେ ।



3



ଯୀଶୁ ସେଠାରେ ଏକାକୀ ଥିଲେ, କିନ୍ତୁ ଅଧିକ ସମୟ ନୁହେଁ । ଏକ ସ୍ତ୍ରୀ ଯେ ସୁଖାର ନଗରରେ ବାସ କରୁଥିଲା ପାଣି କାଢ଼ିବା ନିମନ୍ତେ ଆସିଲା ।

ଯୀଶୁ ତାହାଙ୍କୁ କହିଲେ, ମୋତେ ପିଇବାକୁ ଦିଅ ।

4



ସେହି ସ୍ତ୍ରୀ ଆଶ୍ଚର୍ଯ୍ୟ ହୋଇଗଲା । ସେ କହିଲା ଆପଣ ଜଣେ ଯିହୁଦୀ ହୋଇ କିପରି ମୋ ହାତରୁ ପିଇବାକୁ ମାଗୁଛନ୍ତି ମୁଁ ଯେ ଶମିରୋଣୀୟ, କାରଣ ସେହି ସମୟରେ ଶମିରୋଣୀୟ ମାନଙ୍କ ସହିତ ଯିହୁଦୀ ମାନଙ୍କର ବ୍ୟବହାର ନଥିଲା ।

5

ସେ ହୋଇପାରେ ଅତ୍ୟଧିକ ଆଚମ୍ବିତ ହୋଇଗଲା ଯେତେବେଳେ ଯୀଶୁ ତାହାକୁ କହିଲେ, ଯଦି ତୁମେ ଜାଣିଥାନ୍ତ ମୁଁ କିଏ ? ତେବେ ତୁମେ ଜୀବନ୍ତ ଜଳ ମାଗିଥାନ୍ତ ।



6



ସେହି ସ୍ତ୍ରୀ ଯୀଶୁଙ୍କୁ କହିଲେ, ମହାଶୟ, ଜଳ କାଢ଼ିବା ନିମନ୍ତେ ଆପଣଙ୍କ ନିକଟରେ କିଛି ପାତ୍ର ନାହିଁ, ପୁଣି କୂପ ତ ଗଭିର, ତେବେ ଆପଣ ଏହି ଜୀବନ୍ତ ଜଳ କେଉଁଠୁ ଆଣିବେ? ଆପଣ କି ଆମ୍ଭମାନଙ୍କର ପିତୃପୁରୁଷ ଯାକୁବଙ୍କଠାରୁ ମହାନ ଅଟନ୍ତି । ଯେ କି ଆମକୁ ଏହି କୂପ ଦାନ କଲେ ?

7

ଯୀଶୁ ତାହାଙ୍କୁ କହିଲେ, ଯେ କେହି ଏହି ଜଳ ପାନ କରେ, ସେ ପୁନର୍ବାର ତୃଷିତ ହେବ । କିନ୍ତୁ ଯେକେହି ଏହିଜଳ ପାନକରିବ ଯେଉଁ ଜଳ ମୁଁ ଦେବି, ସେ କେବେହେଁ ତୃଷାର୍ତ୍ତ ହେବନାହିଁ ।



8

ବରଂ ତାହା ଅନନ୍ତ ଜୀବନଦାୟକ ଜଳର ନିର୍ଝର ସ୍ୱରୂପେ ତାହାଠାରେ ଉଛୁଳି ଉଠୁଥିବ । ସେହି ସ୍ତ୍ରୀ କହିଲା, ମହାଶୟ ମୋତେ ସେହି ଜଳ ଦିଅନ୍ତୁ ।



9

ଯୀଶୁ ସେହି ସ୍ତ୍ରୀଙ୍କୁ କହିଲେ, ଯାଅ ତୁମ୍ଭ ସ୍ୱାମୀକି ଡ଼ାକି ଏଠାକୁ ଆସ । ମୋର ସ୍ୱାମୀ ନାହିଁ, ସେହି ସ୍ତ୍ରୀ ଉତ୍ତର ଦେଲା । ତୁମ୍ଭର ପାଞ୍ଚ ସ୍ୱାମୀ ଥିଲେ, ଯୀଶୁ ତାହାଙ୍କୁ କହିଲେ । ଆଉ ବର୍ତ୍ତମାନ୍ ଯେ ଅଛି ସେ ତୁମ୍ଭର ସ୍ୱାମୀ ନୁହେଁ ।



10

ଯୀଶୁ ଭାବବାଦୀ ଏହା ସେହି ସ୍ତ୍ରୀ ଜାଣିପାରିଲା, ସେ ତାଙ୍କ ସହିତ ଉପାସନା କରିବା ସ୍ଥାନ ଯିରୁଶାଲମରେ କିମ୍ବା ଶମରିୟାର ଏହି ପବିତ୍ର ପର୍ବତରେ କରିବା ଆବଶ୍ୟକ ବୋଲି ତର୍କକରି କହିବାକୁ ଲାଗିଲା । ଯୀଶୁ ତାକୁ କହିଲେ ସତ୍ୟ ଉପାସକମାନେ ଆତ୍ମାରେ ଓ ସତ୍ୟରେ ପିତାଙ୍କର ଉପାସନା କରିବେ ।



11

ମସିହ ଆସୁଅଛନ୍ତି ବୋଲି ମୁଁ ଜାଣେ, ସେହି ସ୍ତ୍ରୀ ଯୀଶୁଙ୍କୁ କହିଲେ । ଯେତେବେଳେ ସେ ଆସିବେ ସେ ଆମ୍ଭମାନଙ୍କୁ ସମସ୍ତ ବିଷୟ ଦଣାଇବେ ।



12

ଯୀଶୁ ତାଙ୍କୁ କହିଲେ ମୁଁ ସେହି ଅଟେ । ଏପରି ସମୟରେ ତାହାଙ୍କର ଶିଶ୍ୟମାନେ ଫେରିଆସିଲେ । ସେହି ସ୍ତ୍ରୀ ଲୋକଟି ତାହାର ମୁଲ୍ୟବାନ୍ ପାଣି ମାଠିଆ ସେହି କୂପ ନିକଟରେ ଛାଡ଼ି ନଗରକୁ ଫେରିଗଲା ।



13

ସେ ନଗରକୁ ଯାଇ ସୁଖାର ନଗରର ଲୋକମାନଙ୍କୁ କହିଲା, ଆସ, ଜଣକୁ ଦେଖିବ, ମୁଁ ଯାହା ଯାହା କରିଆଛି, ସେହିସବୁ ସେ ମୋତେ କହିଲେ ।



14

ସେ କେଜାଣି ଖ୍ରୀଷ୍ଟ ହେବେ ପରା. ସେସେଥିରେଲେ ଲୋକମାନେ ନଗର ଛାଡ଼ି ନିଜେ ଯୀଶୁଙ୍କୁ ଦେଖିବାକୁ ଗଲେ ।



15

ଇତିମଧ୍ୟରେ ଶିଶ୍ୟମାନେ ଯୀଶୁଙ୍କୁ କିଛି ଖାଇବାକୁ ଅନୁରୋଧ କଲେ । କିନ୍ତୁ ଯୀଶୁ କହିଲେ, ମୋହର ଖାଦ୍ୟ ହେଉଛି ପିତାଙ୍କର ଇଛା ସାଧନ କରିବା ଯେ ମୋତେ ପ୍ରେରଣ କଲେ । ଅନ୍ୟମାନଙ୍କୁ ପିତାଙ୍କ ନିକଟକୁ ଆଣିବା ତାଙ୍କର କାର୍ଯ୍ୟ ଥିଲା ।



16



ସେହି ଶମିରୋଣିୟ ସ୍ତ୍ରୀଙ୍କ କଥା ଅନୁଷାରେ ଅନେକ ଲୋକମାନେ ତାଙ୍କ ଉପରେ ବିଶ୍ୱାସ କଲେ । ସେମାନେ ଯୀଶୁଙ୍କୁ ସେମାନଙ୍କ ସହିତ ରହିବାକୁ ଅନୁରୋଧ କଲେ, ତେଣୁ ସେ ସେଠାରେ ଦୁଇଦିନ ରହିଲେ ।

17



ଯୀଶୁଙ୍କ କଥା ଶୁଣି ଅନେକେ ବିଶ୍ୱାସ କଲେ । ସେମାନେ କହିଲେ ଆମ୍ଭେମାନେ ନିଜେ ଶୁଣିଅଛୁ ଓ ଜାଣୁ ଯେ ସେ ନିଷ୍ଚିତ ଭାବରେ ଜଗତର ଉଦ୍ଧାରକର୍ତ୍ତା ଖ୍ରୀଷ୍ଟ ଅଟନ୍ତି ।

18

କୂପ ନିକଟରେ ଏକ ସ୍ତ୍ରୀ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ଯୋହନ ୪

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚ଼ାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚ଼ିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।